## ସଂକ୍ଷେପରେ

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୨୬।୮(ନି.ପ୍ର.)- ଜଣେ ମହିଳାଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଥିବା ନେଇ ଶୁକ୍ରବାର ମହିଳା ଥାନାରେ ଅଭିଯୋଗ ହୋଇଛି। ସହରର ଜେଲ ରୋଡ ନିବାସୀ ସୁକାନ୍ତି ରଥ ଏହି ଅଭିଯୋଗ କରିଛନ୍ତି। ୫ ବର୍ଷ ତଳେ ସେ ପ୍ରବୀଣ କୁମାର ଦାସଙ୍କୁ ବିବାହ କରିଥିଲେ। ବିବାହର ମାତ୍ର ୭ ଦିନ ଭଲରେ କଟିଥିବା ବେଳେ ସୁକନ୍ତି ସୁଙ୍କିର ଜଣେ ଯୁବତୀଙ୍କ ସହ ତାଙ୍କ ସ୍ୱାମୀଙ୍କ ସମ୍ପର୍କ ଥିବା ଜାଣିପାରିଥିଲେ। ସେ ଏହାକୁ ସ୍ତ୍ରୀ ବିରୋଧ କରିବାରୁ ସ୍ୱାମୀ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସ୍ୱାମୀଙ୍କ ମାଡରେ ତାଙ୍କ ଗର୍ଭପାତ ମଧ ହୋଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ନନ୍ଦଗୁଡ଼ା ଗ୍ରାମ ନିକଟରେ ଓଲଟିଲା ଟ୍ରକ୍

ମାଲକାନଗିରି, ୨୬।୮ (ଡି.ଏନ୍.ଏ.)- ମାଲକାନଗିରି ସଦର ବ୍ଲକ ନନ୍ଦଗୁଡାଠାରେ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ତେବେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନନ୍ଦଗୁଡା ଗ୍ରାମରୁ ଏହି ଟ୍ରକ ଧାନ ବସ୍ତା ଧରି ଗ୍ରାମଠାରୁ କିଛି ଦୂର ଆସିଲା ପରେ ଟ୍ରକର ଚକ ମାଟିରେ ଦବି ଯାଇଥିଲା। ଫଳରେ ଟ୍ରକଟି ଗୋଟିଏ ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଟ୍ରକରେ ଥିବା ଧାନ ବସ୍ତା ଗୁଡିକ ନିକଟସ୍ଥ ଜମିରେ ପଡି ଯାଇଥିଲା। ଏଥିଯୋଗୁ ବହୁ ଧାନ ବସ୍ତା ନଷ୍ଟ ହୋଇ ଯାଇଛି। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଧାନ ବସ୍ତାଗୁଡିକୁ ଉଠାଇ ଗୋଟିଏ ସ୍ଥାନରେ ରଖିଛନ୍ତି। ତେବେ ଟ୍ରକ ଓଲଟିବା ସମୟରେ ଡ୍ରାଇଭର ଓ ହେଲପର ତଳକୁ ଡେଇଁ ପଡିବାରୁ ଉଭୟଙ୍କ କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୬।୮(ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ଚଡାଉ ହୋଇଛି। ସଦର ପୋଲିସ ଓ ବିଭାଗର କର୍ମଚାରୀମାନେ ମିଳିତ ଚଢ଼ାଉକରିଛନ୍ତି। ଚଢ଼ାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ ସେଠାରୁ ୧୩ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦକୁ ଜବତ କରି ନଷ୍ଟ କରାଯାଇଛି।

### ନାଳରୁ ମୃତଦେହ ଜବତ

ଜୟପୁର, ୨୬।୮(ନି.ପ୍ର.)- ଜୟପୁର ସହରର କୁମ୍ଭାରସାହିର ଏକ ନାଳରୁ ମୃତଦେହ ଜବତ ହୋଇଛି। ନାଳରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଟାଉନଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏହାକୁ ଜବତ କରିଛି। ମୃତକ ଜଣକ କୁମ୍ଭାରସାହିର ଲକ୍ଷ୍ମଣ ପଟ୍ଟନାୟକ (୩୫) ବୋଲି ଜଣାପଡିଛି। ପରେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ହୋଇଛି। ଏନେଇ ୨୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଭୈରବ ଚାମ୍ବର ଅଫ୍ କମର୍ସର ନୂତନ କମିଟି ଗଠିତ

ବୋରିଗୁମ୍ମା,୨୬।୮(ଡି.ଏନ.ଏ.)- ବୋରିଗୁମ୍ମାର ଭୈରବ ଚାମ୍ବର ଅଫ୍ କମର୍ସ ନୂତନ କମିଟି ଗଠିତ ହୋଇଯାଇଛି। ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ସାଧାରଣ ବୈଠକ ପରେ ନୂତନ କମିଟି ଚୟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସମସ୍ତ ବ୍ୟବସାୟୀ ଏପରି ଏକତ୍ରିତ ରହି ବୋରିଗୁମ୍ମାର ବିକାଶ ଦିଗରେ ଆଗକୁ ବଢ଼ନ୍ତୁ ବୋଲି ମତ ଦେଇଥିଲେ। ସଭାପତି ଭାବେ ସୂର୍ଯ୍ୟନାରାୟଣ ଆଚାରୀ,ଉପସଭାପତି କେ.ସୁଧାକର,ସହ ସମ୍ପାଦକ ଜି.ବଳରାମ,ବିନୁ ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ମଣ୍ଟୁ ପଣ୍ଡା ଚୟନ ହୋଇଥିଲେ। ଆଇନ ପରାମର୍ଶଦାତା ଭାବେ କେ.ନାଗରାଜ ଦୋରା ଏବଂ ପି.ଜଗଦିଶ୍ୱର ରାଓ ଏବଂ ପରାମର୍ଶଦାତା ଭାବେ ପି.ନାଗେଶ୍ୱର ରାଓ,ଏଲ୍.ନାରାୟଣ ରାଓ,ପୀତବାସ ପଣ୍ଡା ରହିଛନ୍ତି।

### ମନ୍ଦିର ପରିସରରୁ ଚନ୍ଦନଗଛ କାଟିନେଲେ ଦୁର୍ବୃତ୍ତ

ନାରାୟଣପାଟଣା,୨୬।୮ (ଡି.ଏନ.ଏ.)- କୋରାପୁଟ ଜିଲା ନାରାୟଣପାଟଣାର ଏକ ମନ୍ଦିରରୁ କେତେଜଣ ଦୁର୍ବୃତ୍ତ ଚନ୍ଦନଗଛ କାଟି ଚୋରିକରି ନେଇଛନ୍ତି। ନାରାୟଣପାଟଣା ବ୍ଲକ ସଦରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରୁ ଏହି ଚୋରି ହୋଇଛି। ଏହି ଚନ୍ଦନଗଛ ଦୀର୍ଘଦିନ ହେଲା ମନ୍ଦିର ପରିସରରେ ରହିଥିଲା। ଗଛଟିକୁ କରତରେ କଟାଯାଇଥିବା ଅନୁମାନ କରାଯାଉଛି। ତେବେ ରାତ୍ରିକାଳୀନ ପାଟ୍ରୋଲିଂ ଅଭାବରୁ ଚୋରମାନେ ଏପରି ସାହସ କଲେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ମାଥିଲି ଶିବସାଗର ନିଲାମ ପ୍ରସଙ୍ଗ: ଅଦାଲତଙ୍କ ରହିତାଦେଶ

ମାଲକାନଗିରି, ୨୬।୮ (ଡି.ଏନ୍.ଏ.)

ମାଲାକନଗିରି ଜିଲା ମାଥିଲି ସଦର ବ୍ଲକସ୍ଥିତ ଶିବ ସାଗର ନିଲାମକୁ ନେଇ ନିଜ ଜୀବନ ଜୀବିକା ବଞ୍ଚାଇବା ପାଇଁ ଶିବ ସାଗର ମତ୍ସ୍ୟଜୀବୀ ପ୍ରାଥମିକ ସମବାୟ ସମିତି ଅଦାଲତର ଦ୍ୱାରସ୍ଥ ହୋଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ପରିଚାଳିତ ଏହି ସାଗର ଉପରେ ପ୍ରାୟ ୭୫ ପରିବାର ନିର୍ଭର କରି ନିଜ ଗୁଜରଣ ମେଣ୍ଟାଇଥାନ୍ତି। ଏହି ପରିବାରଗୁଡିକ ଏକାଠି ହୋଇ ସମବାୟ ସମିତି କରି ଲିଜ୍ ଆକାରରେ ସାଗରକୁ ନେଇ ଚଳି ଆସୁଥିଲେ। ସରକାରଙ୍କ ମତ୍ସ୍ୟଜୀବୀ ନିୟମ ଅନୁସାରେ ୪୦ ହେକ୍ଟର ପରିସୀମା ଠାରୁ ଅଧିକ ଥିବା ପୋଖରୀ ବା ସାଗରଗୁଡିକ ମତ୍ସ୍ୟ ବିଭାଗ ଓ ୪୦ ହେକ୍ଟରରୁ କମ୍ ଥିବା ପୋଖରୀଗୁଡିକ ପଞ୍ଚାୟତ ଅଧୀନରେ ରହିବ। ଉକ୍ତ ଶିବ ସାଗର ୪୦ ହେକ୍ଟରରୁ ଅଧିକ ଥିବାରୁ ୧୯୯୧ରୁ ୨୦୧୯ ପର୍ଯ୍ୟନ୍ତ ମତ୍ସ୍ୟ ବିଭାଗ ଅଧୀନରେ ଥିଲା। ମାତ୍ର ୨୦୧୯ରେ କେତେ ଜଣ ନ୍ୟସ୍ତ ସ୍ୱାର୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ଏହାକୁ ୪୦ ହେକ୍ଟରରୁ କମ୍ ଦେଖାଇ ପଞ୍ଚାୟତକୁ ହସ୍ତାନ୍ତର ପାଇଁ ମସୁଧା କରିଥିଲେ। ଏନେଇ ପୂର୍ବତନ ଜିଲାପାଳ ମନୀଶ ଅଗ୍ରୱାଲ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମତ୍ସ୍ୟ ବିଭାଗର କୌଣସି ମତାମତ ନିଆଯାଇ ନ ଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଯୋଗୁ ପଞ୍ଚାୟତ ମନୋମୁଖୀ କାର୍ଯ୍ୟ କରି ସାଗରରୁ ମାଛ ଧରିବାକୁ ହେଲେ ବାର୍ଷିକ ଦେଢ ଲକ୍ଷ ଟଙ୍କା ଧାର୍ଯ୍ୟ କରଛି। ଓଡ଼ିଶା ମତ୍ସ୍ୟ ନୀତି ଅନୁସାରେ ଏହା ହେକ୍ଟର ପିଛା ୧୦୦ ଟଙ୍କା ହିସାବରେ ୪୦୦୦ ଟଙ୍କା ହେବା କଥା। ଏହା ମଧ ସମବାୟ ସମିତି ପୂର୍ବରୁ ପୈଠ କରି ଆସୁଥିଲା। ପଞ୍ଚାୟତ ଦ୍ୱାରା ଧାର୍ଯ୍ୟ ଦେଢ ଲକ୍ଷ ଟଙ୍କାକୁ ମତ୍ସ୍ୟଜୀବୀ ସମବାୟ ସମିତି ବିରୋଧ କରି ସରକାରଙ୍କ ନୀତି ଅନୁସାରେ ଅର୍ଥ ଧାର୍ଯ୍ୟ କରିବାକୁ ଅନୁରୋଧ କରି ଆସୁଥିଲା। ଏହାକୁ ଗୁରୁତ୍ୱ ନ ଦେଇ ପଞ୍ଚାୟତ ସମିତିକୁ ନ ଜଣାଇ ପୁଣି ଥରେ ସାଗର ନିଲାମ କରିବା ପାଇଁ ଦିନ ଧାର୍ଯ୍ୟ କରଥିଲା। ଶେଷରେ ଉପରିସ୍ଥ ଅଧିକାରୀ ମଧ ସମବାୟ ସମିତି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ପରେ ସମିତି ସଭାପତି ରାଜୀବ ଲୋଚନ ବେହେରା ବରିଷ୍ଠ ଆଇନଜୀବୀ ଅଶୋକ ପଟ୍ଟନାୟକଙ୍କ ମାଧ୍ୟମରେ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ସରପଞ୍ଚ, ପିଇଓ, ଉପଜିଲାପାଳ, ଜିଲା ମତ୍ସ୍ୟ ଅଧିକାରୀ ଓ ମାଥିଲି ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ଖାଉଟି ଅଦାଲତ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଓ ସଦସ୍ୟ ରାଜେଶ ଚୌଧୁରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ବିଚାର କରି ଅନ୍ୟାଦେଶ ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆଗାମୀ ଦିନରେ ଏହି ଶିବ ସାଗରକୁ ସୁନ୍ଦର କରି ଗଢି ତୋଳିବାକୁ ମାଥିଲିର ସମସ୍ତ ବୁଦ୍ଧିଜୀବୀ, ଅଧିକାରୀ, ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଶୁକ୍ରବାର ମାଥିଲିଠାରେ ଏକ ବୈଠକ ହୋଇଥିବା ସମିତି ସଭାପତି ବେହେରା ଓ ସମ୍ପାଦକ ଶରତ ମହାରଣା କହିଛନ୍ତି।



ମାଲକାନଗିରି ସଦର ବ୍ଲକ ନନ୍ଦଗୁଡାଠାରେ ଦୁର୍ଘଟଣା ପରେ ପୋଲ ତଳକୁ ବିଛାଡି ହୋଇ ପଡିଥିବା ଧାନବସ୍ତା।

# ଗୋପବନ୍ଧୁ ଡିଗ୍ରୀ କଲେଜ ପକ୍ଷରୁ ଛାତ୍ରୀ ସମ୍ମାନିତ




ଛାତ୍ରୀ ସୁମତିଙ୍କୁ ସମ୍ମାନିତ କରାଯାଉଛି।

କାଲିମେଲା, ୨୬।୮ (ଡି.ଏନ.ଏ.)

ମାଲକାନାଗିରି ଜିଲା କାଲିମେଲା ସଦରସ୍ଥିତ ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ସୁମତି ହିଆଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଇଂରାଜୀ ପରୀକ୍ଷାରେ ଟପ୍‌ଟେନ୍ ମଧ୍ୟରୁ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ଏବଂ କାଲିମେଲା ଡିଗ୍ରୀ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ନିଜ ଅଧ୍ୟବସାୟ, ନିଷ୍ଠା ସହ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମାର୍ଗଦର୍ଶନ ତାଙ୍କୁ ଏହି ସଫଳତା ଦେଇଛି ବୋଲି ସୁମତି କହିଛନ୍ତି। କାଲିମେଲା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଟପ୍ପର ହୋଇଥିବାରୁ କାଲିମେଲା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇ ତାଙ୍କୁ ସମ୍ମାନିତ କରାଯାଇଥିଲା ଅଧ୍ୟାପକ ପଦ୍ମଲୋଚନା ରାଉତ ସ୍ୱାଗତ ସୂଚନା ଦେଇଥିଲେ। ଅଧ୍ୟାପକ ରାମକୃଷ୍ଣ ଭଞ୍ଜ, ସୁଶାନ୍ତ ବାରିକ,ଅଧ୍ୟାପିକା ରିନୁଲତା ରାଉତ, ଶିବାନୀ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୌତୁକ ନିର୍ଯାତନା, ଧାରଣା ଦେଲେ ମହିଳା

ଜୟପୁର, ୨୬।୮(ନି.ପ୍ର.)

ଶାଶୁ ଘରେ ପରିବାର ଲୋକେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ଜୟପୁର ସହର ରାଜୁ ସାହିର କୁଞ୍ଜ ବିହାରୀ ମହାପାତ୍ରଙ୍କ ସ୍ତ୍ରୀ ମଧୁସ୍ମିତା ମହାପାତ୍ର ଟାଉନ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଏନେଇ ମଧୁସ୍ମିତାଙ୍କ ଯାଆ ନମିତ ମହାପତ୍ର ମଧ ଦିଅର କୁଞ୍ଜ ବିହାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି। ନିର୍ଯାତନା ଅସହ୍ୟ ହେବାରୁ ମଧୁସ୍ମିତା କୋରାପୁଟ ମାନବାଧିକାର କମିଶନର ଜିଲା ସାଧାରଣ ସମ୍ପାଦିକା ଚିନ୍ମୟୀ ସାହୁଙ୍କୁ ଜଣାଇଥିଲେ। ଏନେଇ ଚିନ୍ମୟୀ ଥାନାକୁ ଯାଇ ଦେଢଶୁର ରାଘବ ମହାପାତ୍ର ଓ ମୁନା ମହାପାତ୍ରଙ୍କୁ ଡକାଇ ବୁଝାଶୁଝା କରିଥିଲେ। ମାତ୍ର କୌଣସି ସମାଧାନ ହୋଇପାରି ନ ଥିଲା। ତୁରନ୍ତ ସମାଧାନ ପାଇ ମଧୁସ୍ମିତା ଧାରଣାରେ ବସିଥିବା ଜଣାଯାଇଛି। ମୁନାଙ୍କ ସ୍ତ୍ରୀ ନମିତା ମଧ୍ଯ ତାଙ୍କ ପରିବାର ପ୍ରତି ବିପଦ ଥିବାରୁ ଦିଅର କୁଞ୍ଜ ନାମରେ ଅଭିଯୋଗ କରିଛନ୍ତି।

# ଦଶମ ଶ୍ରେଣୀ ବହିରେ ଗୁରୁତର ତ୍ରୁଟି ନେଇ ବୁଦ୍ଧିଜୀବୀଙ୍କ ଉଦବେଗ

କୋରାପୁଟ,୨୬।୮(ସ୍ୱ.ପ୍ର.)

ଦଶମ ଶ୍ରେଣୀର ଭୁଗୋଳ ବହିରେ ରହିଛି ତ୍ରୁଟି। ଛାତ୍ରୀଛାତ୍ରମାନେ ଏହି ତ୍ରୁଟିକୁ ବର୍ଷବର୍ଷ ଧରି ପଢୁଛନ୍ତି। ଦଶମ ଶ୍ରେଣୀର ଭୁଗୋଳ ଓ ଅର୍ଥନୀତି ବହିରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ କୋରାପୁଟ ବଦଳରେ ଆନ୍ଧ୍ରରେ ଥିବା ଦର୍ଶାଯାଇଛି। ଏହି ଭୁଲ ତଥ୍ୟକୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ବର୍ଷେ କି ଦୁଇ ବର୍ଷ ନୁହେଁ ଗତ ୪ ବର୍ଷ ହେଲା ପଢି ଆସୁଛନ୍ତି। ଏନେଇ କୋରାପୁଟ ଜିଲାର ବୁଦ୍ଧିଜୀବୀଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ଉଦବେଗ ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ଛପା ଯାଇଥିବା ପାଠ୍ୟ ପୁସ୍ତକ ଛାତ୍ରୀଛାତ୍ରଙ୍କ ପାଇଁ ବେଦ ସଦୃଶ୍ୟ ହୋଇଛି। ବହିରେ କୌଣସି ତ୍ରୁଟି ମୁଦ୍ରଣଜନିତ ମନେକରି ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ଏହାର ସଂଶୋଧନ କରିବାର ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଛନ୍ତି। ସେହିପରି କୋରାପୁଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ହରେକୃଷ୍ଣ ସାହୁ କହିଛନ୍ତି, କୋରାପୁଟ ଜିଲାର ଦଶମ ଶ୍ରେଣୀର ଛାତ୍ରୀଛାତ୍ର ମାଛକୁଣ୍ଡର ସ୍ଥିତି ସଂପର୍କରେ ଅଳ୍ପ ବହୁତେ ଜାଣିଥିଲେ ମଧ ସାରା ରାଜ୍ୟରେ ଛାତ୍ରୀଛାତ୍ର ମାଛକୁଣ୍ଡର ତ୍ରୁଟିପୂର୍ଣ୍ଣ ମୁଦ୍ରଣକୁ ନେଇ ବାଟମଣା ହେବାର ସମ୍ଭାବନା ରହିଛି। ସରକାର ଏହି ତ୍ରୁଟିର ସଂଶୋଧନ କରିବା ଆବଶ୍ୟକ। ଦଶମ ଶ୍ରେଣୀ ଭୁଗୋଳ ବହିରେ ଏଭଳି ଅକ୍ଷମଣୀୟ ମୁଦ୍ରଣଜନିତ ତ୍ରୁଟି ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ଖାମଖିଆଲି ମନୋଭାବକୁ ସୂଚିତ କରୁଛି। ଏହି ତ୍ରୁଟିପୂର୍ଣ୍ଣ ମୁଦ୍ରଣ ଜରିଆରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଛି ବୋଲି ଜିଲାର ଅନେକ ବୁଦ୍ଧିଜୀବୀମତ ରଖିଛନ୍ତି। ସୂଚନାଯୋଗ୍ୟ, ୧୯୫୫ ମସିହା ପ୍ରାୟ ୭୦ ବର୍ଷ ତଳେ ଓଡିଶାର କୋରାପୁଟ ଜିଲାରେ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମିତ ହୋଇଥିଲା। ଏହି ପ୍ରକଳ୍ପରେ ଓଡିଶା ଓ ଆନ୍ଧ୍ର ସରକାରଙ୍କ ମିଳିତ ଭାବେ ପୁଞ୍ଜି ନିବେଶ କରିଥିଲେ। ତେବେ ଓଡିଶାର କୋରାପୁଟ ଜିଲାରେ ଥିବା ମାଛକୁଣ୍ଡ ଏହି ଜଳ ବିଦ୍ୟୁତ ପ୍ରକଳ୍ପ ପଡୋଶୀ ଆନ୍ଧ୍ରର ବୋଲି ବହିରେ ଉଲ୍ଲେଖ ରହିଛି। ବହିରେ ବିଭିନ୍ନ ରାଜ୍ୟର ଜଳ ବିଦ୍ୟୁତ୍ ପ୍ରକଳ୍ପ ସମ୍ପର୍କରେ ଲେଖାଯାଇଛି। ଦଶମ ଶ୍ରେଣୀ ଭୂଗୋଳ ବହିର ୬୯ ନମ୍ବର ପୃଷ୍ଠା କ୍ରମିକ ସଂଖ୍ୟାର ପ୍ରଥମରେ ଏସମ୍ପର୍କରେ ଉଲ୍ଲେଖ ରହିଛି।



# ମାଲକାନଗିରିରେ ପୁଣି ସାରଥିଙ୍କ ପୂଜାର୍ଚ୍ଚନା ଫଟୋରୁ ଝରୁଛି ମହୁ

ମାଲକାନଗିରି,୨୬।୮(ଡ଼ି.ଏନ.ଏ.)

ଦୀର୍ଘ ଦିନ ପରେ ପୁଣି ଆରମ୍ଭ ହୋଇଛି ସାରଥି ପୂଜନ। ମାଲକାନଗିରି ଜିଲାରେ ଏପରି ଘଟଣା ଦେଖିବାକୁ ମିଳିଛି। ବିବାଦ ଘେରରେ ଛନ୍ଦି ହୋଇ ସାରଥି ଜେଲଦଣ୍ଡ ଭୋଗିଥିବା ବେଳେ ତାଙ୍କୁ ନେଇ ପୂଜାର୍ଚ୍ଚନା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରିର ତଳସାହିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଉପସ୍ଥିତ ରହି ସାରଥିଙ୍କ ଫଟୋ ରଖି ଭଜନ ସଙ୍କୀର୍ତ୍ତନ ସହ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। କେବଳ



ସେତିକି ନୁହେଁ ଏହି ସମୟରେ ସାରଥିଙ୍କ ଫଟୋରୁ ମହୁ ଝରୁଥିବା ନେଇ ଏକ ଭିଡିଓ ମଧ ଭାଇରାଲ ହେବାରେ ଲାଗିଛି।

# ବର୍ଷା କ୍ଷତିଗ୍ରସ୍ତଙ୍କୁ ପଲିଥିନ ବାଣ୍ଟିଲେ ବିଧାୟକ



ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଲୋକଙ୍କୁ ପଲିଥିନ ଦେଉଛନ୍ତି।

କୁଡୁମୁଲୁଗୁମ୍ମା,୨୬।୮(ଡି.ଏନ୍.ଏ.)

ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଶୁକ୍ରବାର କୁଡୁମୁଲୁଗୁମ୍ମା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ପଲିଥିନ ବାଣ୍ଟିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ରାଜସ୍ୱ ସର୍କଲ ଓ ନାକାମାମୁଡି ରାଜସ୍ୱ ସର୍କଲର ଦାମୋଦରବେଡ଼ା ଗ୍ରାମର ଲଳିତା ମୁଦୁଲି, କଣ୍ଡେଲ ଗ୍ରାମର ଚୈତନ୍ୟ ଦୋରା,ହାତୀରାମ ଦୋରା, ଲଳିତା ଆଦବାରୀ, ମନୋଜ କୋଡେ ଓ ହାତୀଆମ୍ବ ଗ୍ରାମର ସନୁ ଚାଲାଣଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ପଲିଥିନ ନେଇଥିଲେ। ଚଳିତ ବର୍ଷା ବିପ୍ୱାତ ଯୋଗୁ ଅଧିକାଂଶ ଲୋକଙ୍କ ଘରଛପର କ୍ଷତିଗ୍ରସ୍ତ ହୋଇଛି। କୁଡୁମୁଲୁଗୁମ୍ମା ରାଜସ୍ୱ ନିରୀକ୍ଷକ ରୁଦ୍ରପ୍ରସାଦ ଗୌଡ଼ ଓ ନାକାମାମୁଡି ରାଜସ୍ୱ ନିରୀକ୍ଷକ ପ୍ରିୟଙ୍କା ପ୍ରଧାନଙ୍କ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାର୍ହା ମାଂସ କିଣି ୩ ଗିରଫ

ମାଲକାନଗିରି, ୨୬।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ପକ୍ଷରୁ ବାର୍ହା ମାଂସ କ୍ରୟ କରି ଗୋଟିଏ ବାଇକରେ ଆସୁଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋରୁକୋଣ୍ଡା ବ୍ଲକ ଏମ୍‌ଭି-୩୭ ଗ୍ରାମର ରିତ ପାଲ, ମନୋରଞ୍ଜନ ରାୟ ଓ ସୁଜିତ ପାଲ। ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲଙ୍କ ନିର୍ଦ୍ଦେଶରେ ଗୁରୁବାର ରାତିରେ ବାଲିମେଳା ଛକରେ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ନାକାମାମୁଡି ଘାଟି ନିଲାପାରୀ ଛକଠାରୁ ଏମ୍‌ଭି-୩୭ ଅଭିମୁଖେ ଏକ ବାଇକ୍‌ରେ ୩ ଜଣ ଯାଉଥିବା ଦେଖି ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଫଳରେ ସେମାନଙ୍କଠାରୁ ୧ କେଜି ୫୦୦ ଗ୍ରାମ ବାର୍ହା ମାଂସ ମିଳିଥିଲା। କର୍ମଚାରୀମାନେ ଏହାକୁ ଜବତ କରି ସେମାନଙ୍କୁ ପଚରାଉଚରା କରିଥିଲେ। ନାକାମାମୁଡି ଅଞ୍ଚଳରୁ ଏହାକୁ ସେମାନେ କିଣି ଆଣିଥିବା ପ୍ରକାଶ କରିଥିଲେ। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ କହିଛନ୍ତି। ଯାଞ୍ଚରେ ବନପାଳ ମୋହନ ଗୁଡିଆ, ସଂଗ୍ରାମ ବରାଳ, ପ୍ରଶାନ୍ତ ରାଉତ, ସଞ୍ଜୟ ପରିଡ଼ାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।



ଗିରଫ ୩ ଅଭିଯୁକ୍ତ।

# ବାହାର ରାଜ୍ୟକୁ ଦାଦନ ଖଟିବାକୁ ଗଲେ ଗ୍ରାମବାସୀ

ଦଶମନ୍ତପୁର,୨୬।୮( ଡି.ଏନ୍.ଏ.)

ଗ୍ରାମରେ କାମ ମିଳୁଥିଲେ ହେଁ ଠିକାଦାରମାନେ ଶ୍ରମିକଙ୍କୁ ଶୋଷଣ କରୁଛନ୍ତି। ସେମାନଙ୍କୁ ଖଟାଇ ମଜୁରି ଦେଉନାହାନ୍ତି। ଫଳରେ ସେମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ। ବ୍ଲକର ଗିର୍ଲିଗୁମ୍ମା ପଞ୍ଚାୟତ କୋଲାଟି ଗ୍ରାମରେ ସରକାରଙ୍କ ବିଭିନ୍ନ ଯୋଜନା ଯଥା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗୋଟିଏ କୂଅ, ୩ଟି ବନ୍ଧ, ମାଟି ରାସ୍ତା କୋଲାଟି ଗ୍ରାମରୁ କାଶୀପୁର ବ୍ଲକର ତେନ୍ତୁଳିପଦର, ଘାଟି ମୁଣ୍ଡର ରାସ୍ତା କଳାହାଣ୍ଡି ଜିଲାର ପୋଡ଼ିପଦର ପର୍ଯ୍ୟନ୍ତ ହୋଇଥିଲା। ଏହି କାର୍ଯ୍ୟରେ ଗ୍ରାମବାସୀଙ୍କୁ ଠିକାଦାର ନିୟୋଜିତ କରିଥିଲେ। ମାତ୍ର ଦୀର୍ଘ ୬/୭ ବର୍ଷ ଅତିବାହିତ ହୋଇଯାଇଥିଲେ ହେଁ ଏଯାଏ ସେମାନଙ୍କୁ ପ୍ରାପ୍ୟ ମଜୁରି ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଗ୍ରାମବାସୀ।

ସମ୍ପୃକ୍ତ ଠିକାଦାରଙ୍କୁ ମଜୁରି ମାଗିଲେ ଆଜି ଆସ କାଲି ଆସ କହି ଆମକୁ ଭୁଆଁ ବୁଲାଉଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ସଲାସୁତୁରାରେ ବିଲ୍ କରି ଅର୍ଥ ହଡ଼ପ କରୁଥିଲେ ମଧ ଆମ ପ୍ରାପ୍ୟ ଦେଉନାହାନ୍ତି ବୋଲି ଗ୍ରାମର ସନୁ ଜାନି, ଗୁରୁବାରୁ ଜାନି, କୃଷ୍ଣ ମୁଦୁଲି, ଡମ୍ବୁ ଜାନି, ସେତୁ ମୁଦୁଲି, ରୁକମଲ ଜାନି, ବଦୁ ଜାନି, ଦଶରୁ ଜାନି, ମଣସି ଜାନି, ବାରୁ ଜାନି ପ୍ରକାଶ କରିଛନ୍ତି। ଆମ ଗ୍ରାମରେ କାମ କରି ମଜୁରି ପାଉ ନ ଥିବାରୁ ଆମେ ୧୧ ଜଣ ଶ୍ରମିକ ବାଧ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛୁ ବୋଲି ସମ୍ପୃକ୍ତ ଶ୍ରମିକମାନେ କହିଛନ୍ତି। ଆଗାମୀ ଦିନରେ ଅନ୍ୟ ଶ୍ରମିକମାନେ ଏନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ସମ୍ପର୍କରେ ଗିର୍ଲିଗୁମ୍ମା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବକୁଳ ଚନ୍ଦ୍ର ମୁର୍ମୁଙ୍କୁ ପଚାରିବାରୁ ସେ ଫୋନ ଉଠାଇ ନୀରବ ରହିଥିଲେ। ଏ ସମ୍ପର୍କରେ କିଛି କହି ନ ଥିଲେ।

**କାମ କରାଇ ଠିକାଦାର ଦେଉନାହାନ୍ତି ମଜୁରି**

- କନିଷ୍ଠ ଯନ୍ତ୍ରୀଙ୍କ ସହ ସଲାସୁତରାରେ ହେଉଛି ଅର୍ଥ ହଡ଼ପ
- ମଜୁରି ମାଗିଲେ ଆଜି କାଲି କହି ଭୁଆଁ ବୁଲାଉଛନ୍ତି ଠିକାଦାର
- ଫୋନ୍ ଉଠାଇ ନୀରବ ରହିଲେ,କିଛି କହିଲେନି ଯନ୍ତ୍ରୀ

## ସଂକ୍ଷେପରେ

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୬।୮(ନି.ପ୍ର.)-ଫେରାର ୨ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ଜୟନଗରର ସେବତୀ ମାଝି ଓ ବଙ୍ଗଳାବାଡ଼ର ସୂର୍ଯ୍ୟ ଡରୁଆ। ଉଭୟଙ୍କ ନାମରେ ୨୦୨୦ରୁ ଅବକାରୀ ମାମଲା ଥିଲା। ସେବେଠାରୁ ସେମାନେ ଫେରାର ଥିଲେ।

### ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ସଚେତନତା

ମାଥିଲି,୨୬।୮ (ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଗୋଡ଼ିଆଲି ବିଦ୍ୟାଳୟ ପରିସରରେ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ବିଦ୍ୟାଳୟରେ ଡେଙ୍ଗୁ ଓ ମ୍ୟାଲେରିଆ ପାଇଁ କିପରି ନିଜକୁ ସତର୍କ ରଖିବେ ସେ ଉପରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଜଳ ଓ ପରିମଳ ବିଭାଗର ଦିଲୀପ ଡାକୁଆ ପିଲାଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଶିକ୍ଷକମାନଙ୍କ ୪ ଦିନିଆ ତାଲିମ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୨୬।୮(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦା କ୍ଲଷ୍ଟରରେ ଶିକ୍ଷକମାନଙ୍କ ଚାଲିଥିବା ୪ ଦିନିଆ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ଏଥିରେ ୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ବଡପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରସନ୍ନ ସୁବୁଦ୍ଧି, ଜତିନ୍ଦ୍ର ସ୍ୱାଇଁ ସୁଧାଂଶୁ ଶେଖର ଖଣ୍ଡୁଆଳ ଉପସ୍ଥିତ ଥିଲେ। ସିଆରସିସି ନୀଳାଦ୍ରି ରାଉତ ସାମନ୍ତ ପରିଚାଳନା କରିଥିଲେ।

### ବଙ୍ଗଳଗୁଡାରେ ହେବ ୪ ଥାକିଆ ପୋଲ

କୋରାପୁଟ,୨୬।୮(ସ୍ୱ.ପ୍ର)-କୋରାପୁଟ-ରାୟଗଡା ଯାଇଥିବା ୩୨୬ ଜାତୀୟ ରାଜପଥର ବଙ୍ଗଳଗୁଡା ଗ୍ରାମ ନିକଟରେ ଭୁଶୁଡି ପଡିଥିବା ପୋଲ ସ୍ଥାନରେ ଖୁବ ଶୀଘ୍ର ୪ ଥାକିଆ ପୋଲ ନିର୍ମାଣ ହେବ ବୋଲି ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ଗତ ୧୬ ତାରିଖରେ ଏହି ୪୦ ଫୁଟିଆ ପୋଲର ଗୋଟିଏ ପାଖ ଭୁଶୁଡି ପଡିଥିଲା । ଏନେଇ ଜାତୀୟ ରାଜପଥ ବିଭାଗର ନିର୍ଦ୍ଦେଶରେ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ମହେଶ ମହାନ୍ତି ଓ ରାଜ୍ୟ ସଡକ ପରିବହନ ବିଭାଗରୁ ଆରଓ ପ୍ରସନ୍ନ ସେନାପତି ଘଟଣାସ୍ଥଳ ପରିଦର୍ଶନ କରି ସର୍ଭେ କରି ପରେ କେନ୍ଦ୍ରକୁ ଏହି ସ୍ଥାନରେ ୪ ଥାକିଆ ପୋଲ ନିର୍ମାଣ ପାଇଁ ତାଙ୍କ ରିର୍ପୋଟ ଦେଇଥିଲେ । ରିପୋର୍ଟ ପାଇବା ପରେ ଏହି ୪ ଥାକିଆ ପୋଲ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇ ଡିପିଆର ପ୍ରସ୍ତୁତ ହୋଇଛି । ଅନ୍ୟପକ୍ଷରେ ଭୁଶୁଡି ପଡିଥିବା ପୋଲର ଡାହାଣ ପାର୍ଶ୍ୱରେ ହୋମ ପାଇପ ବିଛାଯାଇ କକ୍ରିଂଟ ଦେଇ ଅସ୍ଥାୟୀ ପୋଲ ତିଆରି କରିବାକୁ ଏବେ ପାଇପ ଆସି ଘଟଣା ସ୍ଥଳରେ ପହଞ୍ଚିଥିବା ସୁନାବେଡା ଜାତୀୟ ରାଜପଥ ବିଭାଗ ପକ୍ଷରୁ କୁହାଯାଇଛି ।

### ବିଏସ୍ଏଫ୍ ଯବାନଙ୍କ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ

ମାଲକାନଗିରି, ୨୬।୮(ସ୍ୱ.ପ୍ର.)-ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଥିବା ବିଏସ୍ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ କରାଯାଇଛି। ଏହାର ଉପଯୋଗିତା ସମ୍ପର୍କରେ ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା ସ୍କୁଲ, ଡାଇକ-୩ ସ୍କୁଲ ଓ ବାଲିମେଳା ଶିଶୁମନ୍ଦିରର ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ବାଲିମେଳାସ୍ଥିତ ୮୮ ବାଟାଲିୟନର କମାଣ୍ଡାଣ୍ଟ ବିନୋଦ ସୋରେନ ଅବଗତ କରିଛନ୍ତି। ବିଗତ ଦିନରେ ମାଲକାନଗିରି ଜିଲାରେ ମାଓବାଦୀଙ୍କ ଉପଦ୍ରବ ଅଧିକ ଥିଲା। ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଥିଲା। ଏବେ ସ୍ଥିତିରେ ସୁଧାର ଆସିଛି। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଯୋଗୁ ଲୋକେ ମାଓବାଦୀଙ୍କ ହାତ ଛାଡ଼ିଛନ୍ତି। ଲୋକଙ୍କ ନିକଟତର ହେବାପାଇଁ ବିଏସ୍ଏଫ୍ କିଭଳି କାମ କରୁଛି ସୂଚନା ଦେଇ ଆସନ୍ତା ୫ ତାରିଖ ଗୁରୁଦିବସ ଅବସରରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ବିଏସ୍ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା କହିଛନ୍ତି।

# ଗ୍ରାମାଞ୍ଚଳର ସମସ୍ୟା ଦୂରକରିବାକୁ ଗୁରୁତ୍ୱ ଦେଲେ ମନ୍ତ୍ରୀ

ମୁନିଗୁଡ଼ା,୨୬।୮(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ପରିସର ସଭାଗୃହରେ ମୁନିଗୁଡ଼ା ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୂଣ୍ଡରୁକାଙ୍କ ସଭାପତିତ୍ୱ ଏବଂ ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରାଙ୍କ ସଂଯୋଜିତ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା, ଜିଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି, ପଞ୍ଚାୟତ ସମିତି ଉପାଧକ୍ଷ ଆଦର୍ଶ କୁଶୁଲିଆ, ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ ଏବଂ ପଞ୍ଚାୟତ ଉନ୍ନୟନ ଅଧିକାରୀ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଆର୍ଥିକ ବର୍ଷର ଦ୍ୱିତୀୟ ବୈଠକର ଶୁଭାରମ୍ଭ କରିଥିଲେ।

ବୈଠକକୁ ସମ୍ବୋଧିତ କରି ମନ୍ତ୍ରୀ ସମସ୍ତ ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀଙ୍କୁ ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ପ୍ରାଥମିକତା ଦେବାକୁ କହିଥିଲେ। ଏଥିସହ ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ସମାଜର ସର୍ବନିମ୍ନ ସ୍ତରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚାଇବା ଅନିବାର୍ଯ୍ୟ ବୋଲି କହିଥିଲେ। ସେହିପରି ବିଡିଓ ସମସ୍ତ ପଞ୍ଚାୟତ ସମିତି ସଭ୍ୟା ଓ ସଭ୍ୟଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବ୍ଲକ ଓ ପଞ୍ଚାୟତ ପ୍ରଶାସନ ସହ ମିଶି କାର୍ଯ୍ୟକଲେ ଏହା ସୁଦୁରପ୍ରସାରି ସହିତ ଲୋକାଭିମୁଖୀ ହୋଇପାରିବ ବୋଲି କହିଥିଲେ। ଅଧକ୍ଷା ନୁଣ୍ଡରୁକା ପ୍ରତ୍ୟେକ ପଞ୍ଚାୟତର ଅଭାବ ଅସୁବିଧା ତଥା ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରଶାସନ ସହିତ ଲୋକ ପ୍ରତିନିଧିଙ୍କ ମିଳିତ ପ୍ରୟାସ ଓ ବିଶ୍ୱାସ ଜରୁରୀ ବୋଲି କହିଥିଲେ।

**ମୁନିଗୁଡ଼ା ପଞ୍ଚାୟତ ସମିତି ବୈଠକ**

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସବ୍ୟସାଚୀ ମହାପାତ୍ର, କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ, କ୍ଷୁଦ୍ର ଜଳସେଚନ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସହଦେବ ଚିରୁଆନ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ଜେନା, ପାନୀୟ ଜଳ ଓ ପରିମଳ ଯନ୍ତ୍ରୀ ରମେଶ ମିଞ୍ଜ, ଓଡ଼ିଶା ଜୀବିକା ମିଶନର କ୍ଷୀରୋଦ ଭୂୟାଁ ପ୍ରମୁଖ ନିଜ ନିଜ ବିଭାଗ ଦାୟିତ୍ୱରେ ଗ୍ରାମାଞ୍ଚଳରେ ଚାଲିଥିବା ସରକାରୀ ଯୋଜନାର ବିବରଣୀ ପ୍ରଦାନ କରିଥିଲେ। ଏହି ସମୟରେ ସମିତି ସଭ୍ୟା ସଭ୍ୟାମାନେ ସେମାନଙ୍କୁ ବିଭିନ୍ନ ପ୍ରଶ କରିଥିଲେ। ଏଥିସହ ଜଙ୍ଗଲ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଆଦିବାସୀ ହରିଜନ କଲ୍ୟାଣ ବିଭାଗର ବ୍ଲକ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସୁତାର, ବି.ବି. କିଷାନ, ଗୌରୀ ପ୍ରସାଦ ନାୟକ, କିରାଣି ଜିତେନ୍ଦ୍ର କୁମାର ଧୀର, କଳ୍ପନା ସାହୁ ପ୍ରମୁଖ ସହାୟତା କରିଥିଲେ।

# ଡଙ୍ଗରିଆଙ୍କ ବାଉଁଶ କରଡ଼ି, କଦଳୀର ଚାହିଦା ବଢ଼ୁଛି

ବିଷମକଟକ,୨୬।୮(ଡି.ଏନ୍.ଏ.)

■ କରୋନା ପରେ ସଳଖୁଛନ୍ତି ମେରୁଦଣ୍ଡ

■ ନିଜ ମାଟିରେ ଚାଷକରି ସ୍ୱାବଲମ୍ବୀ

ରାୟଗଡ଼ା ଜିଲାର ନିୟମଗିରିପାଦଦେଶରେ ରହିଥିବା ବିଷମକଟକ, ମୁନିଗୁଡ଼ା ଏବଂ କଲ୍ୟାଣସିଂହପୁର ବ୍ଲକରେ ରହୁଛନ୍ତି ଆଦିମ ଜନଜାତି ଡଙ୍ଗରିଆ। ପର୍ଟିକୁଲାରଲି ଭଲ୍‌ନରେବଲ ଟ୍ରାଇବାଲ ଗ୍ରୁପ୍(ପିଭିଟିଜି) ଅଧୀନରେ ରହିଥିବା ଡଙ୍ଗରିଆଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ।) ବିଷମକଟକ ବ୍ଲକର ଚାଟିକଣା ଏବଂ କଲ୍ୟାଣସିଂହପୁର ବ୍ଲକର ପାର୍ସାଲି ଠାରେ ରହିଛି ଏହି ସଂସ୍ଥା। ଅଞ୍ଚଳରେ ରହିଥିବା ୯୯ ଗ୍ରାମର ୨୪୦୦ ପରିବାର ଏବଂ ୧୦,୩୦୦ ଲୋକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରାଯାଇଛି। ସରଳ ଡଙ୍ଗରିଆ ମାନେ ଆତ୍ମନିର୍ଭର ହୋଇଛନ୍ତି। ନିଜ ମାଟିରେ ପରିଶ୍ରମ କରି ପରିବାର ଚଳାଉଛନ୍ତି।

ପାଖ ମୁନିଖୋଲ, ହାଟ ମୁନିଗୁଡ଼ା, ଦହିଖାଲ, ଅମ୍ବାଦଳା, ବିଷମକଟକ, କଲ୍ୟାଣସିଂହପୁର ଅଞ୍ଚଳରେ ସାପ୍ତାହିକ ହାଟରେ ଉତ୍ପାଦିତ ପନିପରିବା, ମାଣ୍ଡିଆ, ବାଜରା, ମକା, କାଙ୍ଗୁ, କାନ୍ଦୁଲ, ସୁଆଁ, ଅଦା, ଅଳସୀ, ହଳଦୀ ଓ ପାହାଡ଼ରୁ ମିଳୁଥିବା କନ୍ଦା, ଜଙ୍ଗଲର ଆମ୍ବ, ପଣସ, ସପୁରୀ, କମଳା, ତେନ୍ତୁଳି, ଖଲିପତ୍ର, ବାଉଁଶ, ଦଉଡ଼ି, ଜାଳେଣି କାଠ, ମହୁ, ଝୁଣା, ଔଷଧୀୟ ଚେରମୂଳି, ଛତୁ, କରଡି(ବାଉଁଶ ଗଜା) ଓ ଫୁଲଝାଡୁ ବିକ୍ରି କରିଥାନ୍ତି। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ବିଭିନ୍ନ ମେଳା ଓ ପ୍ରଦର୍ଶନୀରେ ଏମାନେ ନିଜ ଉତ୍ପାଦିତ ଦ୍ରବ୍ୟ ବିକିବାର ସୁଯୋଗ ପାଇଥାନ୍ତି। ଏମାନଙ୍କ ଜିନିଷର ଚାହିଦା ମଧ୍ୟ ଅଧିକ। ଲୋକେ ଡଙ୍ଗରିଆଙ୍କ ଜିନିଷ କିଣିବାକୁ ଅନାଇ ବସିଥାନ୍ତି। ତେବେ କରୋନା ଏମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଜିନିଷ ବିକ୍ରି କରି ନ ପାରି ନଷ୍ଟ ହୋଇଗଲା। ସପୁରୀ, ପରିବା ନ ସରିବା ଯୋଗୁ ଅଭାବି ବିକ୍ରି ପରିସ୍ଥିତିର ସମ୍ମୁଖୀନ ହେଲେ। ସ୍ଥିତି ସୁଧୁରିବା ପରେ ଏବେ ପୁଣି ଅଣ୍ଟା ସଳଖୁଛନ୍ତି। ଆର୍ଥିକ ଅବସ୍ଥାରେ ସାମାନ୍ୟ ସୁଧାର ଆସିଛି। ସକାଳୁ ଡଙ୍ଗରିଆ ମହିଳାମାନେ ବାଉଁଶ କରଡି, କଦଳୀ, ଅଦା ବିକ୍ରି ପାଇଁ ବଜାରକୁ ବାହାରୁଛନ୍ତି। ହେଲେ ବାଟରେ ହିଁ ଜିନିଷ ସରିଯାଉଛି।


ହାଟ ଯିବା ବାଟରେ ଡଙ୍ଗରିଆ ମହିଳାଙ୍କୁ ଅଟକାଇ ଲୋକେ କରଡି ଓ କଦଳୀ କିଣୁଛନ୍ତି ।

# ପାରିଶ୍ରମିକ ନ ପାଇବାରୁ ଏପିଓଙ୍କୁ ଘେରିଲେ ଶ୍ରମିକ

ମାଥିଲି, ୨୬।୮ (ଡି.ଏନ.ଏ.)


ଶ୍ରମିକମାନେ ଏପିଓଙ୍କୁ ଘେରାଉକରି ପାରିଶ୍ରମିକ ଦାବି କରୁଛନ୍ତି।

ବର୍ଷେ ବିତିଗଲାଣି ଅଥଚ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମକରି ଶ୍ରମିକଙ୍କୁ ମଜୁରି ମିଳିନାହିଁ। ଶେଷରେ ସେମାନେ ଏପିଓ ଲିଙ୍ଗରାଜ କେର୍କେରାଙ୍କୁ ଘେରାଉ କରିଥିଲେ। ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୃପାଲି ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ଗତ ୧ ବର୍ଷ ତଳେ ଟେମୃପାଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗ୍ରାମର ଶ୍ରମିକମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ହୋଇଥିଲା। ୨ ମାସ ମଧ୍ୟରେ ଅର୍ଥ ମିଳିବ ବୋଲି ସେତେବେଳେ କର୍ମଚାରୀମାନେ ପ୍ରତିଶ୍ରୁତିଦେଇଥିଲେ। ବର୍ଷେବିତିଯାଇଥିଲେ ମଧ୍ୟ ପାରିଶ୍ରମିକ ନ ମିଳିବାରୁ ସମସ୍ତ ଶ୍ରମିକ ଏକାଠି ହୋଇ ମାଥିଲି ବ୍ଲକ କାର୍ଯ୍ୟାଳୟକୁ ଆସି ଏପିଓ କେର୍କେରାଙ୍କୁ ଘେରାଉ କରିଥିଲେ। ଅର୍ଥ ନ ମିଳିଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରାଯିବ ବୋଲି କେର୍କେରା ପ୍ରତିଶ୍ରୁତି ଦେବାରୁ ଶ୍ରମିକମାନେ ଫେରିଥିଲେ।

# ପୌର ପରିଷଦ ପକ୍ଷରୁ ଅନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା

ସୁନାବେଡା,୨୬।୮(ସ୍ୱ.ପ୍ର.)–

ସୁନାବେଡା ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଗୁରୁବାର ସ୍ୱାୟତ ଶାସନ ଦିବସପାଇଁ ଅନ୍ତଃ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ଡ଼ ରାଜେନ୍ଦ୍ର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକାୟତ ପ୍ରତିଭାର ବିକଶିତ ହୋଇପାରିବ। ସେହିପରି ଉପାଧକ୍ଷା ରତ୍ନ କଣ୍ଡା ଏଭଳି କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା ଯୋଗଦେଇ ଏପର କାର୍ଯ୍ୟକ୍ରମ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ପ୍ରତି ଯୋଗିତାମୂଳକ ମନୋଭାବ ସୃଷ୍ଟି କରିବ ବୋଲି କହିଥିଲେ। ଏହାକୁ ଶେଖ ଇବ୍ରାହିମ ସଂଯୋଜନା କରିଥିଲେ। ଶେଷରେ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇଥିଲା। ବିଜ୍ଞାନ ପ୍ରଦର୍ଶନରେ ସିନିୟର ବିଭାଗରେ ୪ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଥିବା ବେଳେ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀ ଛାତ୍ର କୃତି ଅର୍ଜନ କରିଥିଲେ । ସେହିଭଳି ବକ୍ତୃତା ପ୍ରତିଯୋଗିତାରେ ସିନିୟର ବିଭାଗରେ ୩ ଜଣ ଓ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀଛାତ୍ର, ଚିତ୍ରାଙ୍କନରେ ସିନିୟର ବିଭାଗରେ ୩ ଜଣ ଏବଂ ଜୁନିୟର ବିଭାଗରେ ୩ ଜଣ, ପ୍ରବନ୍ଧରେ ସିନିୟର ବିଭାଗରେ ୩ ଜଣ ଓ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜୁ ଯୁବ ଜନତା ଦଳ ପକ୍ଷରୁ ସାଇରାମ ବସ୍ ଅଟକ

ମାଲକାନଗିରି, ୨୬।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ଶୁକ୍ରବାର ମାଲକାନଗିରିରୁ ଭୁବନେଶ୍ୱର ଯାଉଥିବା ସାଇରାମ ନାମକ ଘରୋଇ ବସ୍‌କୁ ସ୍ଥାନୀୟ ବ୍ଲକ ଅଫିସ୍ ନିକଟସ୍ଥ ପଡିଆରେ ଅଟକ ରଖାଯାଇଛି। ଖବରରୁ ଜଣାପଡିଛି, ଗତ ୨ଦିନ ତଳେ ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ରବି ରାଜେଶ ଭୁବନେଶ୍ୱରରେ ସାଇରାମ ବସ୍‌ରେ ମାଲକାନଗିରି ଆସିବାକୁ ଟିକେଟ କାଟିଥିଲେ। ଉକ୍ତ ବସ୍‌ରେ ତାଙ୍କୁ ୪ ନମ୍ବର ସିଟ୍ ମିଳିଥିଲା। ସେ ଗୁରୁବାର ରାତି ୭ଟାରେ ବସ୍ ନିକଟକୁ ଯାଇଥିଲେ। କାଉଣ୍ଟରରେ ଥିବା କର୍ମଚାରୀମାନେ ତାଙ୍କୁ ସାଇରାମ ବସ୍ ପରିବର୍ତ୍ତେ ରିଲାଏନ୍ସ ବସ୍‌ରେ ଯିବାକୁ କହି ପଛ ସିଟ୍ ଦେଇଥିଲେ। ଏନେଇ ରାଜେଶ ପ୍ରତିବାଦ କରିବାରୁ ଭୁବନେଶ୍ୱର କାଉଣ୍ଟରର ଆର୍ତ୍ତ ପ୍ରଧାନ, ଚିକୁ ପ୍ରଧାନ, ବିକୁ ପ୍ରଧାନ, ଗଣେଶ, ବାବୁଲା ରାହୁଲଙ୍କ ସହ ଅନ୍ୟମାନେ ତାଙ୍କୁ ଗାଳିଗୁଲଜ କରି ମାରପିଟ କରିଥିଲେ। ଏହି ସମୟରେ ରାଜେଶଙ୍କ ସୁନାଚେନ ଓ ଘଣ୍ଟା ମଧ୍ୟ ଚୋରି କରି ନେଇଥିଲେ। ପରେ ଆଉ ସେ ରିଲାଏନ୍ସ ବସ୍‌ରେ ଆସି ନ ଥିଲେ। ଏ ସମ୍ପର୍କରେ ରାଜେଶ ଭୁବନେଶ୍ୱରର ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ସେ ଅନ୍ୟ ଏକ ଗାଡ଼ିରେ ମାଲକାନଗିରି ଆସିଥିଲେ। ଏନେଇ ବିଜୁ ଯୁବ ଜନତା ଦଳକୁ ମଧ୍ୟ ଜଣାଇଥିଲେ। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଭୁବନେଶ୍ୱର ଯାଉଥିବା ସାଇରାମ ବସ୍‌କୁ ଅଟକ ରଖାଯାଇଛି। ରାଜେଶଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବସ୍ ଛଡ଼ାଯିବ ନାହିଁ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ଜାଲ ସାର୍ଟିଫିକେଟ ଦେଇ ଚାକିରି, ଶିକ୍ଷକ ଗିରଫ

ଧରାକୋଟ,୨୬।୮(ଡି.ଏନ୍.ଏ.)

ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବା ଅଭିଯୋଗରେ ପୋଲିସ ଧରାକୋଟର ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ସନାତନ ନାୟକ। ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତର ନୂଆବାଲି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଲେବେଲ ୫ର ଶିକ୍ଷକ ସନାତନ ଗତ ୧୩/୫/୧୧ରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇ ୧୩/୫/୧୭ ତାରିଖରୁ ରେଗୁଲାର ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ସୂଚନା ଆଇନ କର୍ମୀଙ୍କ ଅଭିଯୋଗ ପରେ ଧରାକୋଟ ବିଇଓ କୋରେଶ ସେଠୀ ଏହା ଉପରେ ଅନୁସନ୍ଧାନ କରିବା ବେଳେ ସମ୍ପୃକ୍ତ ଶିକ୍ଷକଙ୍କ ଯୁକ୍ତ ୨ ଓ ସିଟି ପ୍ରମାଣପତ୍ର ଜାଲ ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଇଓ ବଡ଼ଗଡ଼ ଥାନାରେ ଗତ ୨୫ ତାରିଖରେ ଏତଲା ଦେବାପରେ ସମ୍ପୃକ୍ତ ନକଲି ଶିକ୍ଷକଙ୍କୁ ଧରାକୋଟ ପୋଲିସ ସହାୟତାରେ ବଡଗଡ ପୋଲିସ ଗିରଫ କରିଥିଲା। ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୁରଜ କୁମାର ଝଙ୍କାର ପ୍ରକାଶ କରିଛନ୍ତି।

# ସେମିଳିଗୁଡ଼ାରେ ଟୁଇନ ସିଟି ୱାକର୍ସ କ୍ଲବର ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କ୍ଲବର ସଦସ୍ୟମାନେ ।

ସୁନାବେଡା,୨୬।୮(ସ୍ୱ.ପ୍ର.)

ସୁନାବେଡ଼ା ଓ ସେମିଳିଗୁଡାର ପ୍ରାତଃ ଭ୍ରମଣକାରୀଙ୍କ ଉଦ୍ୟମରେ ଏକ ଟୁଇନ ସିଟି ୱାକାର୍ସ କ୍ଲବ ଗଠିତ ହୋଇଛି। କ୍ଲବକୁ ସୁନାବେଡ଼ା ପୌର ଅଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଏହାର ପ୍ରଥମ ବୈଠକ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରଣପ୍ତ ମାହାଲିକଙ୍କ ଅଧକ୍ଷତାରେ ହୋଇଥିଲା। ଏଥିରେ ଉପଦେଷ୍ଟା ରଘୁନାଥ ପାଣିଗ୍ରାହୀ, ସମ୍ପାଦକ ଦୁର୍ଗା ପ୍ରାସାଦ ପାତ୍ରଙ୍କ ସମେତ ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ଆନନ୍ଦ ମୌଳି ପଟ୍ଟନାୟକ, ଶେଖ ଇବ୍ରାହିମ, ଭୀମସେନ ଦାସ, ଏସକେ ସାହୁ ଏବଂ ପି ସି ସାହୁ ଯୋଗଦେଇ କ୍ଲବର ଆଭିମୁଖ୍ୟ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଧିକରୁ ଅଧିକ ସଂଖ୍ୟକ ସଭ୍ୟଙ୍କୁ ଏହି ୱାକର୍ସ କ୍ଲବରେ ସାମିଲ କରିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

କୁଡୁମୁଲୁଗୁମ୍ମା,୨୬।୮(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ସମ୍ମାନିତ ଅତିଥି ରୂପେ ବିଏସ୍ଏଫ୍ ୧୫୧ ବାଟାଲିୟନର ଅତିରିକ୍ତ କମାଣ୍ଡର ସୌରଭ ଫୌଜଦାର, ଫାଣ୍ଡି ଅଧିକାରୀ ଅଜିତ ଷଡ଼ଙ୍ଗୀ, ଖଇରପୁଟ ଜୋନ୍ ଜିଲା ପରିଷଦ ସଭ୍ୟ ବଳି ମାଝି, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପୂର୍ବତନ ବିପିଏମ୍ ସ୍ୱର୍ଗତ ହରପ୍ରସାଦ ତାରିଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ଅତିଥିମାନେ ହରପ୍ରସାଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଏସ୍ଏଫ୍ ଯବାନ, ହସ୍ପିଟାଲ କର୍ମଚାରୀ, ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଓ ସ୍ଥାନୀୟ ଜନସାଧାରଣ ରକ୍ତଦାନ କରିଥିଲେ। ଶିବିରରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଫାର୍ମାସିଷ୍ଟ ସଞ୍ଜୟ ପୃଷ୍ଟି ସହଯୋଗ କରିଥିଲେ।



# ବର୍ଷା ହେଲେ ପାଠପଢ଼ା ବନ୍ଦ

ତେନ୍ତୁଳିଖୁଣ୍ଟି, ୨୬।୮(ଡି.ଏନ୍.ଏ.)



**ଖଣ୍ଡିଆଗୁଡା ପ୍ରାଥମିକ ବିଦ୍ୟାଳୟ**

■ ବିପଦସଙ୍କୁଳ ଅବସ୍ଥାରେ ରହିଛି ଶ୍ରେଣୀଗୃହ

■ ଗୋଟିଏ ସ୍ଥାନରେ ପଢୁଛନ୍ତି ୫ ଶ୍ରେଣୀର ପିଲା

■ ବର୍ଷା ହେଲେ ଶ୍ରେଣୀଗୃହରେ ପଶିଯାଏ ପାଣି

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତ ଅଧୀନ ଖଣ୍ଡିଆଗୁଡ଼ା ଗ୍ରାମ ମାତ୍ର ବ୍ଲକଠାରୁ ୩ରୁ ୪କି.ମି. ମଧ୍ୟରେ ରହିଛି। ଆଖପାଖ ଅଞ୍ଚଳରୁ ୫ରୁ ୬ ଗ୍ରାମକୁ ନେଇ ରାଜସ୍ୱ ଗ୍ରାମର ମାନ୍ୟତା ମଧ୍ୟ ପାଇଛି। ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ସେଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୦ ଛାତ୍ରୀଛାତ୍ର ପଢ଼ନ୍ତି। ସ୍କୁଲରେ ୨ଜଣ ଶିକ୍ଷକ ମଧ୍ୟ ଅଛନ୍ତି। କିନ୍ତୁ ଏଠାରେ ଶ୍ରେଣୀଗୃହର ଅଭାବ। ବର୍ଷା ହେଲେ ସ୍କୁଲରେ ପାଠପଢ଼ା ବନ୍ଦ ହୁଏ।

ସ୍କୁଲରେ ରହିଥିବା ଏକମାତ୍ର କୋଠାଘରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ଚାଲୁଛି। ତାହା ମଧ୍ୟ ପରିତ୍ୟକ୍ତଭାବେ ରହିଛି। ଆଉ ୨ଟି ଟିଣଛପର ଘର ପରିତ୍ୟକ୍ତ ଅବସ୍ଥା ଅନେକ ବର୍ଷ ହେଲା ପଡ଼ି ରହିଛି। ବର୍ଷା ହେଲେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ଜୀବନ ରକ୍ଷା ଚିନ୍ତାରେ ରହିଥାନ୍ତି। ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ବାଧହୋଇ ଗୋଟିଏ ସ୍ଥାନରେ ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କୁ ପଢ଼ାଉଛନ୍ତି। ଏପରି ଅବସ୍ଥାରେ ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ପଶିଯାଏ। ତେଣୁ ଏଠାରେ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଏ। ଭଗ୍ନ ଶ୍ରେଣୀଗୃହ ପାର୍ଶ୍ୱରେ ବିଦ୍ୟାଳୟ ଶୌଚାଳୟ ମଧ୍ୟ ରହିଛି। ବିଦ୍ୟାଳୟ ପାଚେରି ଓ ମୁଖ୍ୟ ଫାଟକ ମଧ୍ୟ ନାହିଁ। ସ୍କୁଲଟି ମୁଖ୍ୟ ରାସ୍ତା ସମ୍ମୁଖରେ ଅବସ୍ଥିତ। ଦୈନିକ ଶତାଧିକ ଗାଡ଼ି ଯିବା ଆସିବା କରେ। ତେଣୁ କୌଣସି ସମୟରେ ବି ଏଠାରେ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପିଲାମାନେ ଏଠାରେ ସୁରକ୍ଷିତ ନ ଥିବା ଭାବି ଅଭିଭାବକ ଏବେ ସେମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅମଙ୍ଗ ହେଉଛନ୍ତି। କେତେଜଣ ପିଲା ଏଠାରୁ ଯାଇ ଅନ୍ୟତ୍ର ନାମ ମଧ୍ୟ ଲେଖାଇଲେଣି। ତଥାପ ଶିକ୍ଷା ବିଭାଗୀୟ ଅଧିକାରୀ ସବୁ ଜାଣି ବି ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳୁଛି। ଏ ନେଇ ଖଣ୍ଡିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ଭଞ୍ଜଙ୍କୁ ପଚାରିବାରୁ ବିଦ୍ୟାଳୟ ପରିଚାଳନା କମିଟି ଏ ବିଷୟରେ ବୈଠକ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି। ପୁନର୍ବାର ଆଉ ଏକ ବୈଠକ କରି ପତ୍ର ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

